## ସଂକ୍ଷେପରେ

### ଆମ ପୋଲିସ ସମିତି ବୈଠକ



ପାପଡ଼ାହାଣ୍ଡି/ମୈଦଲପୁର, ୩୦।୮ (ସ୍ୱପ୍ନଜିତ ପଟ୍ଟନାୟକ/ସଦାଶିବ ଦାସ)

ନବରଙ୍ଗପୁର ଜିଲା ମୈଦଲପୁର ଥାନା ପରିସରରେ ଆମ ପୋଲିସ ସମିତି ବୈଠକ କରାଯାଇଛି। ଥାନାଧିକାରୀ ବିପିନ ଚନ୍ଦ୍ର କୁଲଦୀପ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅଞ୍ଚଳର ଅନେକ ବୁଦ୍ଧିଜୀବୀ, ସରପଞ୍ଚ , ଖବରଦାତା ଓ ଜନସାଧାରଣ ଉପସ୍ଥିତ ଥିଲେ। ଅଞ୍ଚଳରେ ଥିବା ସମସ୍ୟାଗୁଡ଼ିକର ସମାଧାନ ଆଣିବା ଲାଗି ବୈଠକରେ ଆଲୋଚନା ହୋଇଥିଲା। ପୋଲିସ ଲୋକଙ୍କ ସେବା ପାଇଁ ସମର୍ପିତ। ତେଣୁ ସବୁ କାର୍ଯ୍ୟରେ ପୋଲିସକୁ ସହଯୋଗ କରିବାକୁ ଥାନାଧିକାରୀ ମତ ଦେଇଥିଲେ। ଟ୍ରାଫିକ ସମସ୍ୟା ସମାଧାନ, ନାବାଳକଙ୍କୁ ଗାଡ଼ି ଚଳାଇବାରୁ ରୋକିବା, ନିଶା ସେବନକରି ଗାଡ଼ି ଚଳାଉଥିବା ଡ୍ରାଇଭରଙ୍କୁ ରୋକିବାକୁ ବୈଠକରେ ଆଲୋଚନା ହୋଇଛି। ବୈଠକରେ ଏଏସ୍‌ଆଇ ଲୋକେଶ ଭୋଇ, ଭାସ୍କର ରାଓ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ଗୋମାଂସ ବିକ୍ରି ଅଭିଯୋଗରେ ୫ ଥାନାରେ ଅଟକ

ଉମରକୋଟ, ୩୦।୮ (ସନ୍ତୋଷ ଶତପଥୀ)

ଗୋରୁ ମାଂସ ବିକ୍ରି ଅଭିଯୋଗରେ ଉମରକୋଟ ପୋଲିସ ୫ଜଣଙ୍କୁ ଥାନାରେ ଅଟକ ରଖିଛି। ଉମରକୋଟ ବ୍ଲକ ଡୋହରା ପଞ୍ଚାୟତ ଅଧୀନରେ ଆସୁଥିବା ଏକ ଗ୍ରାମ ଜଙ୍ଗଲ ନିକଟରେ କେତେଜଣ ଲୋକେ ଗୋରୁ ମାଂସ ବିକ୍ରି କରୁ ଥିବାନେଇ ସରପଞ୍ଚ ସଦାନନ୍ଦ ମାଝି ଖବରପାଇ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆଇଆଇସି ଉମ୍ବୁଧର ପ୍ରଧାନ, ସବଇନ୍ସପେକ୍ଟର ଅକ୍ଷୟ ମିଶ୍ର ଓ ସୌମେନ୍ଦ୍ର ସେଠ ଟିମ୍ ସହ ସେଠାରେ ପହଞ୍ଚି ଥିଲେ। ୩ଟି ଗାଈ କାଟି ବିକ୍ରି କରୁଥିବା ୫ଜଣଙ୍କୁ ପୋଲିସ ଅଟକ ରଖିଛି। ପୋଲିସ ପ୍ରାଣୀ ସମ୍ପଦ ବିଭାଗ କର୍ମଚାରୀଙ୍କୁ ଅବଗତ କରିବା ପରେ ସେମାନେ ସେଠାରେ ପହଞ୍ଚି ମାଂସକୁ ଘଟଣା ସ୍ଥଳରେ ପୋତି ଦେଇଥିଲେ। ଉମରକୋଟ ପୋଲିସ କେସ୍ ନମ୍ବର ୩୧୫/୨୪ରେ ମାମଲା ରୁଜୁ କରିଛି। ସବ ଇନ୍ସପେକ୍ଟର ଶିବଜି ପଣ୍ଡା ଘଟଣାର ତଦନ୍ତ କରୁଛନ୍ତି।

### ଜମିବାଡ଼ିକୁ କେନ୍ଦ୍ରକରି ଗଣ୍ଡଗୋଳ, ୨ ଗିରଫ

ଡାବୁଗାଁ, ୩୦।୮ (ପ୍ରଜ୍ଞାରଞ୍ଜନ ପରିଡ଼ା)

ଜମିବାଡି କୁ କେନ୍ଦ୍ର କରି ଗଣ୍ଡଗୋଳ ଅଭିଯୋଗରେ ଡାବୁଗାଁ ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚାଟିଗୁଡ଼ା ଗ୍ରାମର ଲକି ଗୌଡ (୨୯) ଓ ଚନ୍ଦ୍ର ଗୌଡ (୨୪)। ସୂଚନାନୁଯାୟୀ, ଗତ ୧୧ ତାରିଖରେ ଲକି ଓ ଚନ୍ଦ୍ର ଜମିବାଡିକୁ କେନ୍ଦ୍ର କରି ମାଉସୀ ପୁଅ ଶିବ ଗୌଡ଼ଙ୍କ ସହ ପାଟିତୁଣ୍ଡ କରି ମାଡ଼ ମାରିଥିଲେ। ଶିବଙ୍କ ମୁଣ୍ଡ ଫାଟି ଯାଇ ଥିଲା। ୧୨ ତାରିଖରେ ଶିବ ଏ ନେଇ ଡାବୁଗାଁ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନା ଏଏସ୍‌ଆଇ ଗୋପାଳକୃଷ୍ଣ ହାଲୱା ଘଟଣାର ତଦନ୍ତ କରି ଲକି ଗୌଡ ଓ ତାର ଭାଇ ଚନ୍ଦ୍ର ଗୌଡଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଥାନା କେସ ନଂ ୧୫୬/୨୪ ରେ ଏକ ମାମଲା ରୁଜୁ କରାଯାଇଛି।

# ପକାଯାଉଛି ମଶାତେଲ, ଛଡ଼ାଯାଉଛି ଧୂଆଁ

ଉମରକୋଟ, ୩୦।୮ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସରକାରୀଭାବେ ବର୍ତ୍ତମାନ ପର୍ଯ୍ୟନ୍ତ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେଙ୍ଗୁ ପରୀକ୍ଷା ପାଇଁ ୪୦ଜଣଙ୍କ ରକ୍ତ ନମୁନା ପଠାଯାଇଥିବାବେଳେ ପ୍ରାୟ ୮ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ବେସରକାରୀଭାବେ କିନ୍ତୁ ଏହି ସଂଖ୍ୟା ଅଧିକ ଥିବା ଅନୁମାନ କରାଯାଉଛି। ପ୍ରତି ୱାର୍ଡ ରେ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଥିବା ବେଳେ ଉମରକୋଟ ପୌର ପରିଷଦର ୨ରୁ ତିନୋଟି ୱାର୍ଡରେ ଡେଙ୍ଗୁ ରୋଗୀ ସଂଖ୍ୟା ଅଧିକ ଥିବା ଅନୁମାନ କରାଯାଉଛି। ଏହାର ନିରାକରଣ ପାଇଁ ଉମରକୋଟ ପୌର ପରିଷଦ ତତ୍ପରତା ପ୍ରକାଶ କରିଛି। ୯ ନମ୍ବର ୱାର୍ଡରେ ଥିବା ସମସ୍ତ ନାଳ ଓ ନର୍ଦ୍ଦମାରେ ମଶା ଧୂଆଁ ଓ ମଶାତେଲ ସିଞ୍ଚନ କରାଯାଇଛି। ଏହି କାର୍ଯ୍ୟ ଆଗାମୀ ଦିନରେ ସମସ୍ତ ୱାର୍ଡରେ କରାଯିବ ବୋଲି ସୂଚନା ମିଳିଛି। ଏହି ସମୟରେ ଉମରକୋଟ ପୌରାଧ୍ୟକ୍ଷା ରାଧା ଭତ୍ରା, ନିର୍ବାହୀ ଅଧିକାରୀ ପ୍ରୀତିରଞ୍ଜନ ରଥ, ଉପାଧ୍ୟକ୍ଷ ସୁଧାଂଶୁ ଦାସ, ୯ ନମ୍ବର ୱାର୍ଡ କାଉନସିଲର ଇତିଶ୍ରୀ ଦଲେଇ, ପରିମଳ ବିଶେଷଜ୍ଞ ନୀଳାମ୍ବର ଭତ୍ରା, ନବରଙ୍ଗପୁର ଓ ଉମରକୋଟ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଦିନେଶ ପ୍ରହରାଜ ଓ ଗଗନ ବିହାରୀ ସାହୁ ଓ ଉମରକୋଟ ପୌର ପରିଷଦର କର୍ମଚାରୀମାନେ ଉପସ୍ଥିତ ଥିଲେ। ଉମରକୋଟ ଉପଖଣ୍ଡ ମୁଖ୍ୟ ଡାକ୍ତର ଶରତ ଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ବର୍ତ୍ତମାନ ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ କେହି ଡେଙ୍ଗୁ ରୋଗୀ ନାହାନ୍ତି। ପୂର୍ବରୁ ଯେଉଁମାନେ ଥିଲେ ସେମାନେ ସୁସ୍ଥ ହୋଇସାରିଲେଣି ବୋଲି ସେ କହିଛନ୍ତି।



ନମ୍ବର ୱାର୍ଡରେ ମଶାଧୂଆଁ ଛଡ଼ାଯାଉଛି।

**ଡେଙ୍ଗୁ ରୋକିବାକୁ ପୌର ପ୍ରଶାସନର ପଦକ୍ଷେପ**

# ୨ ସାମୟିକ ପ୍ରଶିକ୍ଷକଙ୍କ ବିରୋଧରେ ଥାନାରେ ଅଭିଯୋଗ

**ନକଲି ପ୍ରମାଣପତ୍ର ଦେଇ ଚାକିରି ମାମଲା**

ନବରଙ୍ଗପୁର, ୩୦।୮ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାରେ ନକଲି ପ୍ରମାଣ ପତ୍ରରେ ଚାକିରୀ କରିଥିବା ନେଇ ୨ ଜଣ ସାମୟିକ ପ୍ରଶିକ୍ଷକ(ପିଟିଆଇ)ଙ୍କ ବିରୋଧରେ ଥାନାରେ ଅଭିଯୋଗ ହୋଇଛି। ସେମାନେ ହେଲେ ରାଇଘର ଏକ୍ସ ବୋର୍ଡ ସ୍କୁଲରେ କାର୍ଯ୍ୟରତ ସାମୟିକ ପ୍ରଶିକ୍ଷକ ଗୋବିନ୍ଦ ଚନ୍ଦ୍ର ଜେନା ଓ ନନ୍ଦାହାଣ୍ଡି ବ୍ଲକ ଜବାଗୁଡା ୟୁପିଏସ୍ ସ୍କୁଲର ଜଗନ୍ନାଥ ଖରା।

ଏହି ଶିକ୍ଷକମାନେ ସମଗ୍ର ଶିକ୍ଷା ଅଭିଯାନ ଆନୁକୁଲ୍ୟରେ ୨୦୧୬ରେ କାର୍ଯ୍ୟରତ ରହିଛନ୍ତି। ଗତ ୨୦୨୨ରେ ଏହି ବର୍ଗର ପ୍ରଶିକ୍ଷକଙ୍କ ପ୍ରମାଣ ପତ୍ର ଯାଞ୍ଚ ପାଇଁ ବିଭିନ୍ନ ଓଡିଶା ବୋର୍ଡ କାର୍ଯ୍ୟାଳୟକୁ ପଠାଯାଇଥିଲା। ଚଳିତ ମାସରେ ଓଡିଶା ବୋର୍ଡ ଅଫିସ ପକ୍ଷରୁ ଏହି ଶିକ୍ଷକଙ୍କ ଦଶମ ଶ୍ରେଣୀ ବୋର୍ଡ ପ୍ରମାଣ ପତ୍ର ନକଲି ବୋଲି ଚିଠି ଆସିଥିଲା। ଏହି ଚିଠି ସମଗ୍ର ଶିକ୍ଷା କାର୍ଯ୍ୟାଳୟର ହସ୍ତଗତ ହେବା ପରେ ନବରଙ୍ଗପୁର ଜିଲା ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ୨ ଶିକ୍ଷକଙ୍କୁ କାରଣ ଦର୍ଶାଓ ନୋଟିସ ଜାରି କରାଯାଇଥିଲା। ପରବର୍ତ୍ତୀ ସମୟରେ ଜିଲା ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ଏହି ୨ ଜଣ ଶିକ୍ଷକଙ୍କ ଦଶମ ବୋର୍ଡ ପ୍ରମାଣ ପତ୍ର ନକଲି ବୋଲି ଉଲ୍ଲେଖ କରିବା ସହ ସମଗ୍ର ଶିକ୍ଷା ଅଭିଯାନର ଅଧ୍ୟକ୍ଷ ତଥା ଜିଲାପାଳଙ୍କ ନିର୍ଦ୍ଦେଶାନୁଯାୟୀ ସେମାନଙ୍କ ବିରୋଧରେ ଥାନାରେ ଏତଲା ଦେବା ପାଇଁ ନନ୍ଦାହାଣ୍ଡି ଓ ରାଇଘର ବିଇଓଙ୍କ ନିକଟକୁ ଚିଠି କରାଯାଇଥିଲା।

# ଲୋକଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ସୃଷ୍ଟି ଲକ୍ଷ୍ୟ



ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଞ୍ଚଳବାସୀ।

ପାପଡ଼ାହାଣ୍ଡି, ୩୦।୮ (ସ୍ୱପ୍ନଜିତ ପଟ୍ଟନାୟକ)

ଜନସାଧାରଣଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ନେଇ ସଚେତନତା ସୃଷ୍ଟି ନେଇ ଶୁକ୍ରବାର ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ଡଙ୍ଗରା ପଞ୍ଚାୟତରେ ଏସ୍‌ବିଆଇ ଓ ଧାନ ଫାଉଣ୍ଡେଶନ ପକ୍ଷରୁ ଏକ କାର୍ଯ୍ୟକ୍ରମ କରାଯାଇଛି, ଯାହାକି ଅଗ୍ରଣୀ ବ୍ୟାଙ୍କ କାର୍ଯ୍ୟାଳୟ ଆର୍ଥିକ ସାକ୍ଷରତା ଉପଦେଷ୍ଟା କେନ୍ଦ୍ର ନବରଙ୍ଗପୁର ଏବଂ ଜାତୀୟ କୃଷି ଏବଂ ଉନ୍ନୟନ ବ୍ୟାଙ୍କ (ନାବାର୍ଡ )ଦ୍ୱାରା ପ୍ରଦତ୍ତ ମିଳିତ ସହାୟତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆର୍‌ବିଆଇର ଏଫ୍‌ଏଲ୍‌ସି କୋଅର୍ଡିନେଟର ହରିନାଥ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଆର୍ଥିକ ଯୋଜନା କିପରି ପ୍ରସ୍ତୁତି, ସଞ୍ଚୟ ଓ ନିବେଶ ସମ୍ପର୍କରେ ବୁଝାଯାଇଛି। ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ଅଟଳ ପେନ୍‌ସନ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନାରେ କିପରି ସମସ୍ତେ ଅନ୍ତର୍ଭୁକ୍ତ ହୋଇପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଛି। ସାଇବର ସିକ୍ୟୁରିଟି, ଡିଜିଟାଲ ବ୍ୟାଙ୍କିଙ୍ଗ୍, ବିଭିନ୍ନ ପ୍ରକାର ଠକେଇ, ଋଣ ଏବଂ ବ୍ୟାଙ୍କରେ ଅଭିଯୋଗ ସମାଧାନ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ, ଧାନ ଫାଉଣ୍ଡେଶନର ସିଏଫ୍‌ଏଲ କୋଅର୍ଡିନେଟର, ବ୍ଲକ୍ ଆସୋସିଏଟ ଅନୀଲ ପ୍ରଭାତ ଭତ୍ରା, ଏମ୍‌ବିକେ, ସିଆର୍‌ପିଙ୍କ ସମେତ ପଞ୍ଚାୟତର ବହୁ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।

### ବ୍ଲକ୍‌ସ୍ତରୀୟ କୁଇଜ୍ ପ୍ରତିଯୋଗିତା

ଡାବୁଗାଁ, ୩୦।୮ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପକ୍ଷରୁ ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା କରାଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟର ୧୬୧ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ । ଉପକନିଷ୍ଠ ବିଭାଗରେ ବଦଳିଗୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଲକ୍ଷ୍ମୀକାନ୍ତ ସାନ୍ତା ପ୍ରଥମ, ସରକାରୀ ଏକ୍ସ-ବୋର୍ଡ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୀପ୍ତିମୟୀ ରଥ ଦ୍ୱିତୀୟ ଓ ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟର ଲୋକନାଥ ପଟ୍ଟନାୟକ ତୃତୀୟ , କନିଷ୍ଠ ବିଭାଗରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଗୋମତୀ ସାନ୍ତା, ସରକାରୀ ଏକ୍ସ-ବୋର୍ଡ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଏସ. ଶାରିକା



ଓ ଡାବୁଗାଁ ଓଡିଶା ଆଦର୍ଶ ବିଦ୍ୟାଳୟର ଏଲ. କେ. ଲଳିତ କୁମାର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ବରିଷ୍ଠ ବିଭାଗରେ ଚଚରାଗୁଡ଼ା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଅରୁଣ ସାହୁ ପ୍ରଥମ, ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ସତ୍ୟଜିତ ସୁବୁଦ୍ଧି ଦ୍ୱିତୀୟ ଓ ବଡଓଲମା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଶରତ କୁମାର ପୂଜାରୀ ତୃତୀୟ ହୋଇଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି, ଏଡିଇଓ ରେଶମଲାଲ ନାୟକ ମୁଖ୍ୟ ବକ୍ତା, ସମ୍ମାନୀତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ବୀଣା ମାଝି, ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ପେଡାଗୋଜି ସଂଯୋଜକ କବିତା ପଣ୍ଡା, ଏବିଇଓ ସନ୍ତୋଷ ସାହୁ, ଭଗବାନ ମାଝି, ଅବସରପ୍ରାପ୍ତ ଏବିଇଓ ଦେବରାଜ ଗୋପାଳ, ଉମରକୋଟ ଏବିଇଓ ଦେବେନ୍ଦ୍ର କୁମାର ବାଗ ଓ ସୁଶୀଳା ଜୋଡାର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପରିଚାଳନା କରିଥିଲେ।

# ମହିଳାଙ୍କୁ ନିର୍ଯାତନା, ସ୍ୱାମୀଙ୍କ ନାଁରେ ମାମଲା

ଜୟପୁର, ୩୦।୮ (ପବନ ପାଣିଗ୍ରାହୀ)

ଜଣେ ମହିଳାଙ୍କୁ ନିର୍ଯାତନା ଦେଉଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ମହିଳାଙ୍କ ସ୍ୱାମୀ କୁମର ହରିଜନଙ୍କ ନାମରେ ମାମଲା ରୁଜୁ କରିଛି। ପୋଲିସ ସୂଚନାନୁଯାୟୀ ପୀଡ଼ିତା ସବିତା କୋଟପାଡ଼ ନନ୍ଦି ଗାଁର କୁମର ହରିଜନଙ୍କୁ ୩ ବର୍ଷ ତଳେ ବିବାହ କରିଥିଲେ। ବିବାହର ବର୍ଷେ ପରେ କୁମର ଶାରିରିକ ଓ ମାନସିକ ନିର୍ଯାତନା ଦେଉଥିବା ନେଇ ସବିତା ମହିଳା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ୧୫୨/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ ଅନିତା କୁଜୁର ସୂଚନା ଦେଇଛନ୍ତି।

# ପୋଲିସକୁ ସହଯୋଗ କରିବାକୁ ନିବେଦନ





ଆମ ପୋଲିସ ସମିତି ବୈଠକରେ ଉପସ୍ଥିତ ଅଧିକାରୀ

ଝରିଗାଁ, ୩୦।୮ (କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ଥାନା ପରିସରରେ ଥାନାଧିକାରୀ ତପନ କୁମାର ପତିଙ୍କ ଅଧ୍ୟକ୍ଷତାରେ ଆମ ପୋଲିସ ସମିତି ବୈଠକ କରାଯାଇଛି। ଏହି ଅବସରରେ ଥାନା ଏସ୍‌ଆଇ କେ. ଲକ୍ଷ୍ମୀନାରାୟଣ ଦୋରା, ଏଏସ୍‌ଆଇ କେଦାରନାଥ ରାଉତ, ଏଏସ୍‌ଆଇ ଦେବବ୍ୟାସ ବଞ୍ଜରା, ମହେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଥାନାକୁ ଆସୁଥିବା ଲୋକଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନକରିବା ସହ ସେମାନଙ୍କ ସମସ୍ୟାର ସମାଧାନ ନିମନ୍ତେ ତୁରନ୍ତ ପଦକ୍ଷେପନେବା ଉପରେ ଗୁରୁତ୍ୱ ଦିଆଯାଉଛି। ସେହିପରି ପ୍ରତି କ୍ଷେତ୍ରରେ ପୋଲିସକୁ ସହଯୋଗର ସହାୟତା ନିମନ୍ତେ ଜନସାଧାରଣଙ୍କ ସହଯୋଗ ଲୋଡ଼ାଯାଇଛି। ବାଲ୍ୟବିବାହ, ଘରୋଇ ହିଂସା, ସାଇବର ଠକେଇ ଆଦି ଘଟଣା ଉପରେ ଲୋକଙ୍କ ସହ ଆଲୋଚନାକରି ନ୍ୟାୟ ପ୍ରଦାନ ଦିଗରେ ପୋଲିସ ପକ୍ଷରୁ ଯେପରି ଅବହେଳା ନ ହୁଏ ସେଥିପ୍ରତି ଧ୍ୟାନଦେବାକୁ ଥାନାଧିକାରୀ କହିଛନ୍ତି।

# ପାହାଡ଼ ଉପରେ ଥାନା, ଯିବାକୁ ଅସୁବିଧା ଭୋଗୁଛନ୍ତି ଲୋକେ

- ଥାନାକୁ ସଂଯୋଗ କରୁଥିବା ରାସ୍ତା ଉଠାଣିଆ, ବିପଦପୂର୍ଣ୍ଣ
- ଥାନା କର୍ମଚାରୀ, ଲୋକଙ୍କ ପାଇଁ ନାହିଁ ପାନୀୟ ଜଳ ସୁବିଧା

ପଟ୍ଟାଙ୍ଗି, ୩୦।୮ (ଶରତ ଧଳ)



କୋରାପୁଟ ଜିଲା ଆନ୍ଧ୍ର ସୀମାନ୍ତ ଅଞ୍ଚଳର ପଟ୍ଟାଙ୍ଗି ଥାନା ପୂର୍ବରୁ ଜଗନ୍ନାଥ ମନ୍ଦିର ନିକଟରେ ଥିଲା। ଏବେ ତାହାକୁ ସେଠାରୁ ସ୍ଥାନାନ୍ତର କରାଯାଇଛି। ଆନ୍ଧ୍ର ରାଜ୍ୟରୁ କୋରାପୁଟ ଅଭିମୁଖେ ଆସିଥିବା ଜାତୀୟ ରାଜପଥ କଡ଼ରେ ଥିବା ହନୁମାନ ମନ୍ଦିର ପାହାଡ଼ ଉପରେ ନୂତନ କୋଠା ନିର୍ମାଣ କରାଯାଇ ସେଠାରେ ଥାନା ଚାଲିଛି। ଏହି ଥାନାକୁ ଯିବାକୁ ହେଲେ ପ୍ରାୟ ୩୦୦ ମିଟର ଘାଟିରାସ୍ତା ଅତିକ୍ରମ କରିବାକୁ ପଡୁଛି। ଏହାକୁ ନେଇ ଥାନାକୁ ଆସୁଥିବା ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେହିପରି ଜାତୀୟ ରାଜପଥର ଥାନା ପର୍ଯ୍ୟନ୍ତ ସଂଯୋଗ ହୋଇଥିବା ରାସ୍ତାଟି ସମ୍ପୂର୍ଣ୍ଣ ଉଠାଣିଆ ଓ ବିପଦପୂର୍ଣ୍ଣ। କେଉଁଠି କିଛି ଅଘଟଣ ଘଟିଲେ ଥାନାରେ ଥିବା ପୋଲିସ ଅଧିକାରୀ ବା କର୍ମଚାରୀ ତରବରିଆ ହୋଇ ବାହାରିପାରିବେ ନାହିଁ। ସେମାନଙ୍କୁ ସତର୍କତାର ସହ ଯିବାକୁ ପଡ଼ିବ। ରାତିଅଧରେ କିଛି ଅସୁବିଧା ହେଲେ ଜଣେ ଲୋକ ଉକ୍ତ ଉଠାଣି ଅନ୍ଧାର ରାସ୍ତାରେ ଥାନାରେ ଯାଇ ପହଞ୍ଚିବାରେ ବହୁ ଅସୁବିଧା ହେବା ଆଶଙ୍କା ରହିଛି। ସେହିପରି ପାହାଡ଼ ଉପରେ ଥିବା ଏହି ଥାନାରେ ପାନୀୟ ଜଳର କୌଣସି ବ୍ୟବସ୍ଥା ନାହିଁ। ଲୋକଙ୍କ ସୁରକ୍ଷା ଓ ସୁବିଧା ଦୃଷ୍ଟିରୁ ଜିଲା ପ୍ରଶାସନ ତଥା ବିଭାଗୀୟ ଅଧିକାରୀ ଏହିସବୁ ସମସ୍ୟାକୁ ବୁଝି ସମାଧାନ କରନ୍ତୁ ବୋଲି ପଟ୍ଟାଙ୍ଗି ଜିଲା ପରିଷଦ ଜୋନ୍-୧ ଟିକାଇ ଗେମେଲ, ମାଳିପୁଟ ସରପଞ୍ଚ ସୋମନାଥ ଗୁଣ୍ଟା, ପୁକାଲି ସରପଞ୍ଚ ତିରୁପତି ସାରା ପ୍ରମୁଖ ଲୋକ ପ୍ରତିନିଧି ଦାବି କରିଛନ୍ତି। ସୂଚନାଯୋଗ୍ୟ, ହନୁମାନ ମନ୍ଦିର ପାହାଡ଼ ଉପରେ ୨୦୨୧ ଡିସେମ୍ବର ୧୨ ତାରିଖରେ ତତ୍କାଳୀନ ପୋଲିସ ମହାନିର୍ଦ୍ଦେଶକ ଅଭୟଙ୍କ ଦ୍ୱାରା ନୂତନ ଥାନା ଗୃହ ଉଦ୍‌ଘାଟନ କରାଯାଇଥିଲା। ଉପରୋକ୍ତ ସମସ୍ୟାର ସମାଧାନ ହୋଇ ନ ଥିବାବେଳେ ୩ ବର୍ଷ ପରେ ନୂତନ ସ୍ଥାନକୁ ଥାନା ସ୍ଥାନାନ୍ତରିତ ହୋଇଛି। ଏ ନେଇ ଏସ୍‌ପି ଅଭିନବ ସୋନକାରଙ୍କୁ ପଚାରିବାରୁ ସମସ୍ୟା ସମ୍ପର୍କରେ ଅବଗତ ଅଛୁ। ଏହାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ହାଇକୋର୍ଟ ବିଚାରପତିଙ୍କ ନବରଙ୍ଗପୁର ଗସ୍ତ





ସଭାରେ ହାଇକୋର୍ଟ ବିଚାରପତିଙ୍କ ସହ ଅନ୍ୟମାନେ।

ନବରଙ୍ଗପୁର, ୩୦।୮ ( ସଦାଶିବ ପ୍ରହରାଜ)

ଓଡିଶା ଉଚ୍ଚ ନ୍ୟାୟାଳୟ ବିଚାରପତି ଶିବ ଶଙ୍କର ମିଶ୍ର ଶୁକ୍ରବାର ନବରଙ୍ଗପୁର ଜିଲା ଗସ୍ତ କରିଛନ୍ତି। ଜିଲା ଓ ଦୌରା ଜଜ୍ ସୁବ୍ରତ ମହାନ୍ତିଙ୍କ ସହ ସମସ୍ତ ବିଚାରପତି ଓ ନବରଙ୍ଗପୁର ଜିଲା ଓକିଲ ସଂଘ ସଦସ୍ୟମାନେ ତାଙ୍କୁ ସ୍ୱାଗତ କରିଥିଲେ। ବିଚାରପତି ମିଶ୍ର ଜିଲା କୋର୍ଟର ସମସ୍ତ ବିଷୟ ପୁଙ୍ଖାନୁପୁଙ୍ଖ ଭାବେ ବୁଝିଥିଲେ। ନବରଙ୍ଗପୁର ଜିଲା ଓକିଲ ସଙ୍ଘ ସଭାପତି ନରସିଂହ ତ୍ରିପାଠୀଙ୍କ ସଭାପତିତ୍ୱରେ ଏକ ସଭାର କରାଯାଇଥିଲା। ନବରଙ୍ଗପୁରରେ ଭିଜିଲାନ୍ସ କୋର୍ଟ, କୋଡ଼ିଙ୍ଗା ଓ ଡାବୁଗାଁରେ ଜେଏମଏଫସି କୋର୍ଟ ସହ ଅନ୍ୟ ବିଷୟରେ ଆଲୋଚନା ହୋଇଛି। ବିଚାରପତି ଶିବ ଶଙ୍କର ମିଶ୍ର ଜିଲା କୋର୍ଟର ସରକାରୀ ଓକିଲଙ୍କ ପାଇଁ ନବନିର୍ମିତ କୋଠା ବୁଲି ଦେଖିଥିଲେ। କୋର୍ଟ ପରିସରରେ କ୍ୟାଣ୍ଟିନ ଖୋଲି ଏହାକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ସେ କହିଥିଲେ। ଆଗାମୀ ଦିନରେ ଜିଲା କୋର୍ଟର ଉନ୍ନତି ପାଇଁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ଏକଲକ୍ଷ କୁମ୍‌କୁମ୍ ପୂଜାର୍ଚ୍ଚନା

ନବରଙ୍ଗପୁର,୩୦।୯ ( ସଦାଶିବ ପ୍ରହରାଜ)



ନବରଙ୍ଗପୁର ସହରରେ ଥିବା ବାସଭି କନିକା ପରମେଶ୍ୱରୀ ମନ୍ଦିରରେ ଶ୍ରାବଣ ଶୁକ୍ରବାର ପୂଜା ପାଳିତ ହୋଇଛି। ୨ହଜାରରୁ ଊର୍ଦ୍ଧ୍ୱ ମହିଳା ଉପବାସ ରହି ଏକଲକ୍ଷ କୁମକୁମ ପୂଜାର୍ଚ୍ଚନା କାଯ୍ୟକ୍ରମରେ ସାମିଲ ହେଇଥିଲେ। ମନ୍ଦିର କମିଟି ପକ୍ଷରୁ ୩ହଜାର ଭକ୍ତଙ୍କ ପାଇଁ ଅର୍ଣ୍ଣ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ତେଲୁଗୁ ସମ୍ପ୍ରଦାୟ ଲୋକେ ଶ୍ରାବଣ ମାସକୁ ପବିତ୍ର ମାସ ଭାବେ ପାଳନ କରନ୍ତି। ଏହି ଶ୍ରାବଣ ମାସ ସାରା ଶାକାହାରି ଭୋଜନ ସହିତ ବିଭିନ୍ନ ଦେବଦେବୀଙ୍କ ପୂଜାର୍ଚ୍ଚନା କରିଥାନ୍ତି। ମା ଲକ୍ଷ୍ମୀଙ୍କର ସ୍ୱତନ୍ତ୍ର ପୂଜା ତେଲୁଗୁ ସମ୍ପ୍ରଦାୟ ପକ୍ଷରୁ କରାଯାଏ।

# ସ୍ମାର୍ଟ ମିଟରକୁ ବିରୋଧକରି କଂଗ୍ରେସର ଦାବିପତ୍ର

ଉମରକୋଟ, ୩୦।୮ (ସନ୍ତୋଷ ଶତପଥୀ)

ଉପଭୋକ୍ତାଙ୍କ ବିନା ଅନୁମତିରେ ଘରେ ଘରେ ସ୍ମାର୍ଟ ମିଟର ଲଗାଯାଉଛି। ଏହି ସ୍ମାର୍ଟ ମିଟରରେ ଅଧିକ ବିଲ୍ ଆସୁଛି। ସ୍ମାର୍ଟ ମିଟର ବାବାଦକୁ ମାସିକ ୬୦ ଟଙ୍କା ଭଡ଼ା ମଧ୍ୟ ନିଆଯାଉଥିବା ଉମରକୋଟ କଂଗ୍ରେସ ଅଭିଯୋଗ କରିଛି। ଏ ନେଇ ବ୍ଲକ୍ କଂଗ୍ରେସ ପକ୍ଷରୁ ଏକ ଦାବିପତ୍ର ଏସ୍‌ଡିଓ ସ୍ୱରୂପ ପାତ୍ରଙ୍କୁ ଦିଆଯାଇଛି। ଉମରକୋଟରେ ପ୍ରତ୍ୟେକ ଘରେ ଘରେ ସ୍ମାର୍ଟ ମିଟର ଲଗାଇବାରୁ ଗରିବ ଶ୍ରେଣୀର ଲୋକେ ଶୋଷଣର ଶିକାର ହେଉଛନ୍ତି। ଏଥିସହ ମିଟର ବାବଦକୁ ୬୦ଟଙ୍କା ଲେଖାଏ ଭଡ଼ା ଏହା ୯୬ ମାସ ପର୍ଯ୍ୟନ୍ତ ନିଆଯିବ। ୧ମାସ ଭିତରେ ଏହାର ସମାଧାନ କରା ନ ଗଲେ ଉମରକୋଟ ବ୍ଲକ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଦାବିପତ୍ରରେ ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ କଂଗ୍ରେସ ନେତା ସନରାଜ ଗଣ୍ଡ, ନଗର ସଭାପତି ମାର୍କଣ୍ଡ ସାହୁ, ଜିଲା ସଂଖ୍ୟା ଲଘୁସେଲ୍ ସଭାପତି ଉସମାନ ଲାଠିଆ, ଜଗନ୍ନାଥ ହରିଜନ, ଦେବରାଜ ଦାସ, ଗୋପାଳ ରାଓ, ଶଙ୍କର ମଣ୍ଡଳ, ସାଧାରଣ ସମ୍ପାଦକ ପର୍ଶୁରାମ ନାୟକ, ବାପି ନାୟକ, ନିରଞ୍ଜନ ବେହେରା, ଗଣେଶ କୁର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।



କଂଗ୍ରେସ ନେତାମାନେ ବିଦ୍ୟୁତ୍ ବିଭାଗ ଏସ୍‌ଡିଓଙ୍କୁ ଦାବିପତ୍ର ଦେଉଛନ୍ତି।

**ସଂକ୍ଷେପରେ**

## ୧୦ ଫୁଟର ଅହିରାଜ ଉଦ୍ଧାର



କୋରୁକୋଣ୍ଡା, ୩୦।୮ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ଜଳବିଦ୍ୟୁତ୍ କେନ୍ଦ୍ର ପରିସରରୁ ଗୁରୁବାର ମଧ୍ୟରାତ୍ରିରେ ଏକ ବିରାଟ ଅହିରାଜ ସାପ ଉଦ୍ଧାର ହୋଇଛି। ସାପଟି ବାଲିମେଳା ଜଳବିଦ୍ୟୁତ୍ କେନ୍ଦ୍ରର ଟର୍ବାଇନ୍ ମେଶିନ କଡ଼ରେ ବୁଲୁଥିବା କର୍ମଚାରୀମାନେ ଦେଖି ସ୍ନେକ୍ କ୍ୟାଚର ରାଜେନ୍ଦ୍ର ଖରାଙ୍କୁ ଡକାଇଥିଲେ। ରାଜେନ୍ଦ୍ର ସେଠାରେ ପହଞ୍ଚି ଦୀର୍ଘ ଘଣ୍ଟା ଧରି କସରତ କରିବା ପରେ ଏହି ସାପକୁ ଧରିବାରେ ସକ୍ଷମ ହୋଇଥିଲେ। ଅହିରାଜଟି ପ୍ରାୟ ୧୦ ଫୁଟ ଲମ୍ବ ରହିଥିବା ବେଳେ କାହାରି କୌଣସି କ୍ଷତି କରି ନ ଥିବା ସୂଚନା ମିଳିଛି। ତେବେ ଜଳବିଦ୍ୟୁତ୍ କେନ୍ଦ୍ର ନିକଟରେ ଘଞ୍ଚ ଜଙ୍ଗଲ ଥିବା ହେତୁ ଖାଦ୍ୟ ଅନ୍ୱେଷଣରେ ସାପଟି ଆସିଥିବା ଅନୁମାନ କରାଯାଉଛି। ଅଞ୍ଚଳରେ ଅହିରାଜ ପ୍ରଜାତିର ସାପ ନ ଥିବାବେଳେ କେଉଁଠାରୁ ଏହି ଅହିରାଜ ଆସିଲା ତାହା ଚର୍ଚ୍ଚାର ବିଷୟ ପାଲଟିଛି।

## ସଫେଇ କର୍ମଚାରୀଙ୍କ ପାଇଁ ବଡ଼ାଖାନା

କୋରୁକୋଣ୍ଡା, ୩୦।୮ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ଏନ୍ଏସି ପକ୍ଷରୁ ସଫେଇ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ବାଲିମେଳା ଟାଉନ ହଲ୍‌ଠାରେ ବଡ଼ାଖାନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଭିନ୍ନ ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିବାବେଳେ ଏନ୍ଏସି ପରିମଳ ବିଭାଗ ଅଧୀନରେ ଥିବା ପାଖାପାଖି ୧୦୦ରୁ ଊର୍ଦ୍ଧ୍ୱ ସଫେଇ କର୍ମଚାରୀ ମଧ୍ୟାହ୍ନଭୋଜନ ଖାଇଥିଲେ। କାର୍ଯ୍ୟକ୍ରମକୁ ପରିମଳ ବିଶେଷଜ୍ଞ ସନ୍ତୋଷ ଖେମୁଣ୍ଡୁ ପରିଚାଳନା କରିଥିଲେ। ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର ସମସ୍ତ ସଫେଇ କର୍ମଚାରୀଙ୍କୁ ଖାଦ୍ୟ ପରଷିଥିଲେ।

## ସୀମାନ୍ତରେ ୩ ଆଇଇଡି ବୋମା ଜବତ

### ମାଓବାଦୀଙ୍କ ଯୋଜନାକୁ ପଣ୍ଡକଲେ ଯବାନ

ମାଲକାନଗିରି, ୩୦।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ରାଜ୍ୟ ବିଜାପୁର ଜିଲାର ପେଦାଗେଲୁରରେ ୪ କିଗ୍ରା ଲେଖାଏଁ ୩ଟି ଆଇଇଡି ବୋମା ଜବତ କରାଯାଇ ନିଷ୍କ୍ରିୟ କରାଯାଇଛି। ସୂଚନା ଅନୁଯାୟୀ ମାଓବାଦୀ ଦମନ ନିମନ୍ତେ ଛତିଶଗଡର ପେଦାଗେଲୁର ଅଞ୍ଚଳରେ କେରିପୁ ୧୬୮ କମ୍ପାନୀର ଯବାନଙ୍କ ଦ୍ୱାରା ତଲାସି ଅଭିଯାନ କରାଯାଉଥିଲା। ଏହି ସାମୀରେ ମାଓବାଦୀମାନେ ପୋଲିସ ତଥା ସୁରକ୍ଷାକର୍ମୀଙ୍କୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ପ୍ରତି ୧୦ ମିଟର ଦୂରତାରେ ଖଞ୍ଜିଥିବା ୩ଟି ଆଇଡି ବୋମାକୁ ଯବାନମାନେ ଠାବ କରିଥିଲେ। ବୋମା ନିଷ୍କ୍ରିୟ ଟିମ୍ ଏବଂ ଡଗ ସ୍କ୍ୱାର୍ଡ ଉପସ୍ଥିତିରେ ୩ ବୋମାକୁ ଜବତ କରି ଘଟଣାସ୍ଥଳରେ ନିଷ୍କ୍ରିୟ କରାଯାଇଥିଲା। ଏହାପରେ ଘଟଣାସ୍ଥଳରେ ତଲାସି ଅଭିଯାନକୁ ଆହୁରି ବଢାଇ ଦିଆଯାଇଥିଲା।

# ଫିକ୍ସିଂ ଅଭିଯୋଗ ପରେ ଟେଣ୍ଡର ବାତିଲ

**ଧରିତ୍ରୀ ପ୍ରଭାବ**

କୋରୁକୋଣ୍ଡା, ୩୦।୮ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକରେ ଚଳିତ ମାସ ୧୦ ତାରିଖରେ ୪ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ନିମନ୍ତେ ପତ୍ର ୪୬ ଲକ୍ଷ ୫୦ ହଜାର ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହି ଟେଣ୍ଡର ଆବେଦନ ପ୍ରକ୍ରିୟାରେ ଅନିୟମିତତା ଓ ଏହାକୁ ଫିକ୍ସ କରାଯାଇଥିବା ଭିଡିଓ ଭାଇରାଲ ହୋଇଥିଲା। ଧରିତ୍ରୀରେ ଏ ନେଇ ଖବର ପ୍ରକାଶ ପାଇବା ପରେ ଶୁକ୍ରବାର ଏହି ଟେଣ୍ଡର ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ରୂପେ ବାତିଲ




କରାଯାଇଥିବା ନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ୨୮ ତାରିଖରେ ଏହି ଟେଣ୍ଡର ଖୋଲିବାର ଥିବାବେଳେ ଏହାକୁ ସ୍ଥଗିତ ରଖିଥିଲେ ବିଡିଓ। ଏ ନେଇ ବିଡିଓ ଉମାଶଙ୍କର କୋୟାଙ୍କୁ ଯୋଗାଯୋଗ କରିବାରୁ ଟେଣ୍ଡର ବାତିଲ କରାଯାଇଥିବା କହିଛନ୍ତି।

ସୂଚନାଯୋଗ୍ୟ, କୋରୁକୋଣ୍ଡା ବ୍ଲକରେ ବିଭିନ୍ନ ନିର୍ମାଣ କାର୍ଯ୍ୟ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରକାଶିତ ବିଜ୍ଞାପନ ଅନୁଯାୟୀ ୧୨।୮।୨୪ ରୁ ୨୨।୮।୨୪ ତାରିଖ ପର୍ଯ୍ୟନ୍ତ ଉକ୍ତ ଟେଣ୍ଡର ନିମନ୍ତେ ପେପର ବିକ୍ରି ହୋଇଥିଲା। ୨୨ ତାରିଖ ଅପରାହ୍ନରେ ପ୍ରାୟ ୩୦ ରୁ ଊର୍ଦ୍ଧ୍ୱ ଠିକାଦାର ବ୍ଲକ ପରିସରରେ ଏକତ୍ରିତ ହୋଇ ଫିକ୍ସିଂକରି ଆପୋଷ ବୁଝାମଣା ସହ ନିଜ ନିଜ ମଧ୍ୟରେ ଟଙ୍କା କାରବାରକୁ ନେଇ ଗଣ୍ଡଗୋଳ କରୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଆଗାମୀ ଦିନରେ ଅନ୍‌ଲାଇନ୍‌ରେ ଟେଣ୍ଡର ହେବା ସହ ଫିକ୍ସିଂ ମାମଲାରେ ଜଡିତ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଥିବା ବେଳେ ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଏବେ ଏହାକୁ ବାତିଲ କରାଯାଇଛି।

# ସାମାନ୍ୟ ବର୍ଷାରେ ବିଦ୍ୟାଳୟ ଜଳମଗ୍ନ

**ସମସ୍ୟା ଭୋଗୁଛନ୍ତି ଛାତ୍ରୀଛାତ୍ର**

ମାଲକାନଗିରି, ୩୦।୮ (ଦୁର୍ଯ୍ୟୋଧନ ପାତ୍ର)

ସାମାନ୍ୟ ବର୍ଷାରେ ମାଲକାନଗିରି ଜିଲା କାଳିମେଳା ବ୍ଲକର ଏମ୍‌ଭି -୭୯ରେ ଥିବା ଶାବରୀ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀ ଗୃହ ଭିତରେ ପାଣି ପଶିଯାଉଛି। ଫଳରେ ପିଲାଙ୍କ ଶିକ୍ଷାଦାନରେ ସମସ୍ୟା ହେଉଥିବା ଅଭିଯୋଗ ହୋଇଛି।

ବର୍ଷା ଦିନ ଆସିଲେ ଏହି ବିଦ୍ୟାଳୟର ଅବସ୍ଥା ଅତି ଶୋଚନୀୟ ହୋଇପଡେ। ସାମାନ୍ୟ ବର୍ଷା ହେଲେ ବିଦ୍ୟାଳୟ ପରିସର ପାଲଟିଯାଏ କୃତ୍ରିମ ବନ୍ଧ। ପିଲାମାନେ ପାଣି ଭିତରେ ପଶି ଶ୍ରେଣୀଗୃହକୁ ଯାଆନ୍ତି। ଶ୍ରେଣୀ ଗୃହରେ ପାଣି ପଶିଯାଉଥିବାରୁ କୁନି କୁନି ପିଲାଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକମାନେ ପାଣି ବାହାର କରିବା କାର୍ଯ୍ୟରେ ଲାଗିପଡ଼ନ୍ତି। ପାଣି ସଫା କରିବା ପରେ ଆରମ୍ଭ ହୁଏ ବିଦ୍ୟାଳୟରେ ପାଠପଢ଼ା। ବର୍ଷା ଲାଗି ରହିଲେ ଗୋଟିଏ



ବିଦ୍ୟାଳୟ ପରିସରରେ ଜମିଥିବା ପାଣିରେ ଯାଉଛନ୍ତି ଛାତ୍ରୀ।

କଠୋରିରେ ଦୁଇଟି ଶ୍ରେଣୀର ଛାତ୍ରୀଛାତ୍ର ବସି ପାଠ ପଢ଼ାଯାଏ। ବିଦ୍ୟାଳୟରେ ପାନୀୟ ଜଳ ବ୍ୟବସ୍ଥା କହିଲେ ୧୩୨ ପିଲାଙ୍କ ପାଇଁ ରହିଛି ଗୋଟିଏ ନଳକୂପ। ଯେଉଁଥିରେ ଖରାଦିନ ଆରମ୍ଭରୁ ନଳକୂପର ପାଣି ଶେଷ ହୋଇଯାଏ। ଫଳରେ ପାଣି ଟୋପାଏ ପାଇଁ ଛାତ୍ରୀଛାତ୍ରଙ୍କଠାରୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ବହୁତ ହଇରାଣ ହୋଇଥାନ୍ତି। ଏ ନେଇ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ କରିଛନ୍ତି ଶିକ୍ଷୟିତ୍ରୀ ଓ ଅଭିଭାବକମାନେ। ତେବେ ଏ ନେଇ କାଳିମେଳା ବିଡିଓ ପ୍ରଦୀପ କୁମାର କରଙ୍କୁ ଯୋଗାଯୋଗ କରିବାରୁ ସମସ୍ୟାର ସମାଧାନ ପାଇଁ ବିଭାଗକୁ ଅବଗତ କରାଯାଇଛି, ଯଥାଶୀଘ୍ର ଏହାର ସମାଧାନ ହେବ ବୋଲି କହିଛନ୍ତି।

## ଜାତୀୟ କ୍ରୀଡ଼ା ସପ୍ତାହ ହକି, ଫୁଟ୍‌ବଲ ଖେଳିଲେ ଛାତ୍ରୀଛାତ୍ର

ମାଲକାନଗିରି, ୩୦।୮ (ଦୁର୍ଯ୍ୟୋଧନ ପାତ୍ର)

ଜାତୀୟ କ୍ରୀଡା ସପ୍ତାହର ଦ୍ୱିତୀୟ ଦିନରେ ମାଲକାନଗିରି ସଦର ବ୍ଲକ ପଦ୍ମଗିରି ଅନୁସୂଚିତ ଜାତି ଜନଜାତି ଆବାସିକ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଛାତ୍ରୀ ଛାତ୍ରଙ୍କ ମଧ୍ୟରେ ହକି ଏବଂ ଫୁଟବଲ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଜେତାମାନଙ୍କୁ ଅତିଥିଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାର୍ଯ୍ୟ ଯୋଗଦେଇଥିଲେ। ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଗୁରୁବନ୍ଧୁ ପୂଜାରୀ, ଜିଲା କ୍ରୀଡା ଅଧିକାରୀ ମାଧବ ପାଙ୍ଗି, କୁଳମଣୀ ନିହାଲ, ପ୍ରଧାନ ଶିକ୍ଷକ ଲକ୍ଷ୍ମଣ ପାଟସାଣୀ, ସରପଞ୍ଚ ସୁନାଧର ମାଡକାମି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୃଷ୍ଣ ମାଡକାମି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ହକି କିମ୍ବଦନ୍ତୀ ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ ଅତିଥିମାନେ କ୍ରୀଡା ସପ୍ତାହ ସମ୍ବନ୍ଧରେ ଉଦ୍‌ବୋଧନ ଦେଇଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ଶାରିରୀକ ଓ ମାନସିକ ବୃଦ୍ଧି ପାଇଁ କ୍ରୀଡା ନିତ୍ୟାନ୍ତ ଆବଶ୍ୟକ। ରାଜ୍ୟ ସରକାର ଛାତ୍ରୀଛାତ୍ରଙ୍କ କ୍ରୀଡାର ବିକାଶ ପାଇଁ କ'ଣ ସବୁ ପଦକ୍ଷେପ ନେଇଛନ୍ତି ସେ ସମ୍ବନ୍ଧରେ ଅତିଥିମାନେ ସୂଚନା ସୂଚନା ଦେଇଥିଲେ। ଶେଷରେ ଜିଲା କ୍ରୀଡା ଅଧିକାରୀ ପାଙ୍ଗି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଡାକ୍ତରୀ ଛାତ୍ର ମଙ୍ଗଳାଙ୍କୁ ଭେଟିଲେ ବିଧାୟକ



ମାଲକାନଗିରି ବିଧାୟକଙ୍କ ସହ ଡାକ୍ତରୀ ଛାତ୍ର ଓ ଅନ୍ୟମାନେ।

ମାଲକାନଗିରି, ୩୦।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ବଣ୍ଡା ଘାଟିର ପ୍ରଥମ ଡାକ୍ତରୀ ଛାତ୍ର ମଙ୍ଗଳା ମୁଦୁଲିଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ବିଧାୟକ ମାଡକାମୀ ଶୁକ୍ରବାର ଭୁବନେଶ୍ୱରରେ ମଙ୍ଗଳାଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ସେ ଜଣେ ଉତ୍ତମ ଡାକ୍ତର ହୋଇ ନିଜ ଅଞ୍ଚଳର ଓ ଜିଲାର ନାମ ରଖିବା ପାଇଁ ଉତ୍ସାହିତ କରିଥିଲେ। ଆଗାମୀ ଦିନରେ ମଙ୍ଗଳାଙ୍କୁ ପାଠପଢ଼ାରେ ସହଯୋଗ କରିବା ସହ ଖର୍ଚ୍ଚ ବହନ କରିବେ ବୋଲି ବିଧାୟକ ମାଡକାମୀ ପ୍ରତିଶ୍ରୁତି ଦେଇଛନ୍ତି। ଏହାସହ ସେ ମଙ୍ଗଳାଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଛନ୍ତି। ବଣ୍ଡା ଘାଟି ଅଞ୍ଚଳର ଯେଉଁ ପିଲା ପାଠପଢିବା ପାଇଁ ଆଗ୍ରହୀ ଅଛନ୍ତି, କିନ୍ତୁ ଆର୍ଥିକ ସମ୍ବଳ ନ ଥିବା ହେତୁ ପାଠପଢ଼ାରୁ ବଞ୍ଚିତ ଅଛନ୍ତି ସେଭଳି ପିଲାଙ୍କୁ ଚିହ୍ନଟ କରିବାକୁ ବିଧାୟକ କହିଥିଲେ। ସେମାନଙ୍କ ଉଚ୍ଚ ଶିକ୍ଷା ନିମନ୍ତେ ସେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି ମଧ୍ୟ କହିଛନ୍ତି।

# ଏସ୍‌ୟୁଜେର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର




ଜିଲାପାଳଙ୍କ ଅଫିସକୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଖବରଦାତାମାନେ।

ମାଲକାନଗିରି, ୩୦।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ରାଜ୍ୟ ୟୁନିଅନ ଅଫ୍ ଜର୍ଣ୍ଣାଲିଷ୍ଟ (ଏସ୍.ୟୁଜେ) ପକ୍ଷରୁ ୭ଦଫା ସମ୍ମିଳିତ ଦାବିପତ୍ର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଦାବିଗୁଡିକ ମଧ୍ୟରେ ଦେଶର ଅନ୍ୟ କେତେକ ରାଜ୍ୟ ଭଳି ଓଡିଶାରେ କାର୍ଯ୍ୟରତ ସାମ୍ବାଦିକ ଏବଂ ଅବସରଗ୍ରହଣ କରିଥିବା ୬୦ ବର୍ଷରୁ ଊର୍ଦ୍ଧ୍ୱ ସାମ୍ବାଦିକଙ୍କୁ ୨୫ ହଜାର ଟଙ୍କା ଭତ୍ତା ଓ ପେନସନ୍ ପ୍ରଦାନ, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଅନୁଯାୟୀ କାର୍ଯ୍ୟରତ ସାମ୍ବାଦିକଙ୍କୁ ୨୦ ଲକ୍ଷ ବୃଦ୍ଧି, ଏବଂ ପିତାମାତା ଓ ଅବିବାହିତ ପୁଅଝିଅଙ୍କୁ ଯୋଜନାଭୁକ୍ତ କରିବା, କୌଣସି ସାମ୍ବାଦିକ କାର୍ଯ୍ୟ କରିବା ସମୟରେ ମୃତ୍ୟୁବରଣ କଲେ ପରିବାରଙ୍କୁ ୨୫ ଲକ୍ଷ ଟଙ୍କା ମୃତ୍ୟୁକାଳୀନ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ, ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବା ଇତ୍ୟାଦି ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ କରିବା ସମୟରେ ଏମ୍. ଅମରେଶ କୁମାର, ସନ୍ତୋଷ କୁମାର ପଣ୍ଡା, ବଂଶି ମୁଦୁଲି, ଜୟନ୍ତ ତିଆଡି, ସତ୍ୟ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଚାରାରୋପଣ ସହ ବୃକ୍ଷପୂଜା




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଉପସ୍ଥିତ ଛାତ୍ରୀଛାତ୍ର।

ମାଲକାନଗିରି, ୩୦।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜଲା ସଦର ବ୍ଲକ ବୀରଲକ୍ଷ୍ମଣପୁର ଆଶ୍ରମ ବିଦ୍ୟାଳୟରେ ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ ସହ ଚାରାରୋପଣ ଓ ବୃକ୍ଷ ପୂଜା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ପତ୍ରିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାର୍ଯ୍ୟ, ମୁଖ୍ୟବକ୍ତା ସବୁଜବାହିନୀ ପ୍ରଶିକ୍ଷକ ଦୁର୍ଯ୍ୟୋଧନ ପାତ୍ର, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଗୁରୁବନ୍ଧୁ ପୁଜାରୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଗଦିଶ ଶ୍ରୀଗାମ ଯୋଗଦେଇଥିଲେ। ସେହିଭଳି ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଅନୁଗୁ, ସ୍ଥାନୀୟ ସରପଞ୍ଚ ନୀଳକଣ୍ଠ ଖୋଲା, ବୀରଲକ୍ଷ୍ମଣପୁର ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଶୁଭଶ୍ରୀ ଭରବଙ୍କନଶ୍ୱରୀ ବସନ୍ତରା, ବନପାଳ ଶିବାଜୀ ମଣ୍ଡଳ, ଜଙ୍ଗଲ ସୁରକ୍ଷା କମିଟି ସଭାପତି ଗୁରୁ ଖୋଲା, ସମ୍ପାଦକ ଭଗବାନ କୋଡା ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରୀ ଅତିଥିମାନେ ବିଦ୍ୟାଳୟ ପରିସରରେ ଚାରାରୋପଣ କରିବା ସହ ବୃକ୍ଷ ପୂଜା କରିଥିଲେ। ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ମାଟି ମାଆ ପାଇଁ ଏବଂ ନିଜ ପାଇଁ ଚାରାରୋପଣ ତାତ୍ପର୍ଯ୍ୟ, ଗଛ ଦ୍ୱାରା ହେଉଥିବା ଉପକାର, ଦିନକୁ ଦିନ ଜଙ୍ଗଲ ଲୋପ ପାଇବା, ମୃତ୍ତିକା କ୍ଷୟ ଆଦି କାରଣରୁ ଜଳବାୟୁ ପରିବର୍ତ୍ତନ ହେଉଥିବା ବିଷୟରେ କହିଥିଲେ। ତେଣୁ ମାଟି ମାଆ ସୁରକ୍ଷା ଏବଂ ଜୀବଜଗତର ଦୀର୍ଘାୟୁ ପାଇଁ ନିଜେ ଗୋଟିଏ ଗୋଟିଏ ଗଛ ଲଗାଇବା ନିତ୍ୟାନ୍ତ ଆବଶ୍ୟକ ବୋଲି ଅତିଥି ପରାମର୍ଶ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଶ ସମ୍ବନ୍ଧୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ସୁକାନ୍ତ କୁମାର ପ୍ରଧାନ ପରିଚାଳନା କରିଥିବା ବେଳେ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ସହ ଅଭିଭାବକମାନେ ଅଂଶଗ୍ରହଣ କରିଥିଲେ।

# ତଦନ୍ତକୁ ୨୦ଦିନ ବିତିଲା, ସାର୍ବଜନୀନ କରାଯାଉନି ରିପୋର୍ଟ

**ଡିଆଇଇଟି ଅଧକ୍ଷଙ୍କ ଛାତ୍ରୀଛାତ୍ରଙ୍କୁ ନିର୍ଯାତନା ଘଟଣା**

ବିଷମ କଟକ, ୩୦।୮ (ପ୍ରସନ୍ନ କୁମାର ପଣ୍ଡା)

ବିଷମକଟକ ବ୍ଲକ୍ ମହକୁମାସ୍ଥିତ ଜିଲା ଶିକ୍ଷକ ତାଲିମ ଅନୁଷ୍ଠାନ (ଡିଆଇଇଟି)ଗତ କିଛିଦିନ ହେଲା ଅଶାନ୍ତ ହୋଇପଡ଼ିଛି। ଡିଆଇଇଟି ଅଧକ୍ଷ ଶରତ କୁମାର ସେଠ୍ କିଛିଦିନ ତଳେ ଛାତ୍ରୀଛାତ୍ରଙ୍କୁ ନିର୍ଯାତନା ଦେଇଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗୁଣପୁର ଉପଜିଲାପାଳଙ୍କ ନେତୃତ୍ୱରେ ୫ ଜଣିଆ ଟିମ୍ ଅନୁଷ୍ଠାନରେ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତକୁ ୨୦ଦିନ ବିତିଯାଇଥିଲେ ମଧ୍ୟ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯାଉ ନାହିଁ କିମ୍ବା ଅଧକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଅଧକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଛାତ୍ରୀଛାତ୍ର ବିଦ୍ୟାଳୟ ସମ୍ମୁଖରେ କିଛିଦିନ ତଳେ ଧାରଣାରେ ବସିଥିଲେ।

ସେପଟେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକ ଅନୁଷ୍ଠାନ ଅଧକ୍ଷ ଶରତ କୁମାର ସେଠଙ୍କୁ ଦାୟିତ୍ୱରୁ ହଟାଇ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଜଗନ୍ନାଥ ମେହେରଙ୍କୁ ଅଧକ୍ଷ ଦାୟିତ୍ୱ ତୁଲାଇବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ତେବେ ଅନୁଷ୍ଠାନର କର୍ମଚାରୀଙ୍କ ସହଯୋଗରେ ଛାତ୍ରୀଛାତ୍ର ପୂର୍ବତନ ଅଧକ୍ଷ ସେଠ୍ ବିରୋଧରେ ଆନ୍ଦୋଳନ କରୁଛନ୍ତି ବୋଲି ଚର୍ଚ୍ଚା ହେଉଛି। ଅଧକ୍ଷ ପଦ ହାତେଇବା ପାଇଁ ସମସ୍ତ ଯୋଜନା କରାଯାଉଥିବା ସାଧାରଣରେ ଚର୍ଚ୍ଚା ଚାଲିଛି। ଅନୁଷ୍ଠାନରେ ଏପରି ଅଶାନ୍ତ ପରିସ୍ଥିତିରେ ପାଠପଢ଼ାରେ ବିଶୃଙ୍ଖଳା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଡିଆଇଇଟି ଡାଇରେକ୍ଟର ମନୋଜ କୁମାର ପାଢ଼ୀଙ୍କୁ ଯୋଗାଯୋଗ କରିବାରୁ ଏହାର ତଦନ୍ତ କରାଯିବ ବୋଲି କହିଛନ୍ତି। ଘଟଣାର ତଦନ୍ତକରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

# ବିକଳ୍ପ ସଙ୍ଗଠନ ତରଫରୁ ଦ୍ୱିତୀଚନ୍ଦ୍ର ସମ୍ବର୍ଦ୍ଧିତ

ରାୟଗଡା, ୩୦।୮ (ଆଶିଷ ରଞ୍ଜନ ପଣ୍ଡା)

ବିକଳ୍ପ ଆମ ମାଟି ଆମ ସଂକଳ୍ପ ସଂଗଠନ ତରଫରୁ ଜାତୀୟ ଶିକ୍ଷକ ସମ୍ମାନ ପାଇଁ ବିବେଚିତ ଡ. ଦ୍ୱିତୀଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିକଳ୍ପ ପରିବାର ତରଫରୁ ତାଙ୍କୁ ଫୁଲତୋଡ଼ା ଏବଂ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏ ନେଇ ଶିକ୍ଷ୍ୟାବିତ୍ ଡ. ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ସଂଘର୍ଷମୟ ଜୀବନ ମଧ୍ୟରେ ଗତିକରି ମଧ୍ୟ ଦ୍ୱିତୀଚନ୍ଦ୍ର ତାଙ୍କରି ଏକନିଷ୍ଠ ସାଧନା, କର୍ତ୍ତବ୍ୟ ପରାୟଣତା, ସୃଜନଶୀଳତା, ବିଶେଷକରି ଶିକ୍ଷାର ବିକାଶ ପାଇଁ ନିରବଚ୍ଛିନ୍ନ ପ୍ରୟାସ ଆଜି ତାଙ୍କୁ ଜାତୀୟ ଶିକ୍ଷକ ସମ୍ମାନ ପାଇବାରେ ସହାୟକ ହୋଇପାରିଛି ବୋଲି ମହାନ୍ତି ନିଜ ବକ୍ତବ୍ୟରେ କହିଥିଲେ। ବାଲ୍ୟାବସ୍ଥାରୁ ଆଜି ପର୍ଯ୍ୟନ୍ତ ପ୍ରତ୍ୟେକ ପ୍ରତିକୂଳ ପରିସ୍ଥିତିକୁ ଆହ୍ୱାନ ମନେକରି ଲକ୍ଷ୍ୟପଥରୁ ନ ହଟି କାର୍ଯ୍ୟ କରିଥିବାରୁ ଆଜି ସେ ଏଇ ଶ୍ରେଷ୍ଠ ସମ୍ମାନ ପାଇବାରେ ସଫଳ ହୋଇପାରିଛନ୍ତି ବୋଲି ଦ୍ୱିତୀ କହିଥିଲେ। ତେଣୁ ଏହି ସମ୍ମାନର ଶ୍ରେୟ ତାଙ୍କ ପରିବାର ଏବଂ ଶୁଭେଚ୍ଛୁମାନଙ୍କୁ ଦେଇଥିଲେ। ସଂଗଠନର ସମ୍ପାଦକ ଜଗଦୀଶ ଚନ୍ଦ୍ର ଦୋରା ନିଜସ୍ୱ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ସମ୍ପାଦକ ଜଗଦୀଶ ଚନ୍ଦ୍ର ଦୋରା ପରିଚାଳନା କରିଥିଲେ। ସଦସ୍ୟ ପ୍ରସନ୍ନ କୁମାର ଗନ୍ତାୟତ, ବିନୋଦ କୁମାର ପାତ୍ର, ରବି ନାରାୟଣ ଶତପଥୀ, ବିପିନ ବିହାରୀ ବିଶ୍ୱାଳ, ଅର୍ଚ୍ଚନା ପଟ୍ଟନାୟକ, ତ୍ରିବେଣୀ ମିଶ୍ର, ମନ୍ମଥ ତୁଳ, ସନ୍ଧ୍ୟାରାଣୀ ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଦ୍ୱିତୀଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# ବିଦ୍ୟାଳୟରୁ ଚୋରି ସାମଗ୍ରୀ ଜବତ, ୧୦ ଗିରଫ



ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀମାନେ ସୂଚନା ଦେଉଛନ୍ତି।



ଜବତ ଚୋରି ସାମଗ୍ରୀ।

ମୁନିଗୁଡ଼ା, ୩୦।୮ (ନନ୍ଦକିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡ଼ା ପୋଲିସ ଏକ ଚୋର ଗ୍ୟାଙ୍ଗକୁ ଗିରଫକରିବା ସହ ସେମାନଙ୍କ ନିକଟରୁ ବହୁ ପରିମାଣରର ଚୋରି ସାମଗ୍ରୀ ଜବତ କରିଛି। ଏହି ଗ୍ୟାଙ୍ଗ ବିଭିନ୍ନ ବିଦ୍ୟାଳୟ, ଅଙ୍ଗନୱାଡି, ଶିଶୁଗୃହରୁ ଟିଭି, ଇନଭର୍ଟର ଓ ବ୍ୟାଟେରି ଚୋରି କରୁଥିଲେ। ଏ ନେଇ ମୁନିଗୁଡ଼ା, ଅମ୍ବାଦଳା ଓ ବିଷମକଟକ ଥାନାରେ ଲିଖିତ ଅଭିଯୋଗ ପରେ ଏକ ଟିମ୍ ଚଢ଼ାଉକରି ୧୦ଜଣଙ୍କୁ ଗିରଫ କରିଛି। ମୁନିଗୁଡ଼ା ଥାନାରେ କେସ୍ ନମ୍ବର ୧୬୮/୨୪ରେ ମାମଲା ରୁଜୁକରି ସମସ୍ତଙ୍କୁ କୋର୍ଟକୁ ଚାଲାଣ କରାଯାଇଥିବା ମୁନିଗୁଡା ଏସ୍‌ଡିପିଓ ସନ୍ତୋଷିନୀ ଓରାମ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେମାନଙ୍କ ନିକଟରୁ ୧୨ଟି ଟିଭି, ୮ଟି ଇନଭର୍ଟର ଓ ୫ ବ୍ୟାଟେରି ସହ ଲକ୍ଷାଧିକ ଟଙ୍କାର ଚୋରି ସାମଗ୍ରୀ ଜବତ କରାଯାଇଛି।

ସୂଚନାଯୋଗ୍ୟ, ମୁନିଗୁଡ଼ା, ଅମ୍ବାଦଳା, ବିଷମକଟକ ଓ କଳାହାଣ୍ଡି ଜିଲା ଲାଞ୍ଜିଗଡ ଥାନା ଅଞ୍ଚଳର ସେରକାପାଡ଼ି, ଭୁରୁଷିଖୁମାର, ସିକବନ୍ଧ, ବଡ଼ଲିମା, ବନ୍ଧୁଗୁଡ଼ା, ମୁସାନାଳ, ପାଣ୍ଡରାମୁଣ୍ଡା ଆଦି ଅଞ୍ଚଳରେ ଥିବା ବିଭିନ୍ନ ବିଦ୍ୟାଳୟ ଅଙ୍ଗନୱାଡି, ଶିଶୁ ଗୃହରୁ ଟିଭି, ଇନଭର୍ଟର ଓ ବ୍ୟାଟେରି ଚୋରି ହୋଇଥିବା ନେଇ ମୁନିଗୁଡ଼ା, ଅମ୍ବାଦଳା ଓ ବିଷମକଟକ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏହି କ୍ରମରେ ୩ଟି ଥାନାରେ ମୋଟ ୭ଟି ମାମଲା ରୁଜୁ ହୋଇଥିଲା। ରାୟଗଡ଼ା ଏସ୍‌ପି ହରିଶ ବିସିଙ୍କ ନିର୍ଦ୍ଦେଶକ୍ରମେ ମୁନିଗୁଡା ଥାନା ଅଧିକାରୀ ସୌଦାମିନୀ ବେହେରାଙ୍କ ନେତୃତ୍ୱରେ ଏସ୍‌ଆଇ ବିକାଶ ଦେବନାଥଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀଙ୍କୁ ନେଇ ଏକ ଟିମ ଗଠନ କରି ତଦନ୍ତ କରାଯାଇଥିଲା। ପୋଲିସ ବିଶେଷ ସୂତ୍ରରୁ ଖବରପାଇ ୧୦ ଜଣ ଚୋରଙ୍କୁ ଗିରଫ କରିଛି। ସେମାନେ ହେଲେ ମୁନିଗୁଡା ଥାନା ଅନ୍ତର୍ଗତ ପାଜିବାଲି ଗ୍ରାମର ଚନ୍ଦ୍ରକାନ୍ତ କାଡ୍ରାକା, ଲକ୍ଷ୍ମୀକାନ୍ତ ସିକକା, ଜୀନ କରସିକା, ଉମାକାନ୍ତ ହିଆଲ, ଈଶ୍ୱର ନେମାଲପୁରୀ, ଭୁରୁଷିଖୁମାର ଗ୍ରାମର ଦୁଷ୍ମନ୍ତ ବିଶୋଇ, ଛେଳିଆନାଳ ଗ୍ରାମର ମଣ୍ଟୁ ମହାନନ୍ଦିଆ, ଅମ୍ବାଦଳା ଥାନା ଅନ୍ତର୍ଗତ ଛଡ଼ରାଙ୍ଗ ଗ୍ରାମର ବିଜୁ କୁସୁଲିଆ, ଲାଞ୍ଜିଗଡ଼ ଥାନା ଅନ୍ତର୍ଗତ ଆର୍‌ବିକେ କଲୋନିର ଡମ୍ବୁରୁ ମାଝୀ ଓ କଟାଦ୍ୱାର ଗ୍ରାମର ଅଶୋକ ହରିଜନ। ଘଟଣାର ଅଧିକ ତଦନ୍ତ କରାଯିବା ସହ ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ଡିପିଓ ଓରାମ ସୂଚନା ଦେଇଛନ୍ତି।